# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 03rd May - 2024
### News Editor : *Tapan Kumar Moharana*
**********************************

***Desk***

## ପ୍ରଧାନମନ୍ତ୍ରୀ - ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ଚିକିଲି ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଗତକାଲି ଦକ୍ଷିଣ-ପଶ୍ଚିମାଞ୍ଚଳ ଡି.ଆଇ.ଜି.  ଚରଣ ସିଂହ ମୀନା ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ବରିଷ୍ଠ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଚିକିଲି ପଡ଼ିଆ ସମେତ ପାର୍କିଂ ଓ ଷ୍ଟେଜ୍ ନିର୍ମାଣ ତଥା ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି  ।

***PR***

## ନିର୍ବାଚନ - ହିତାଧିକାରୀଭିତ୍ତିକ ଯୋଜନା

ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀଭିତ୍ତିକ ଯୋଜନା ପାଇଁ କୌଣସି ବିଜ୍ଞାପନ, ସର୍ଭେ କିମ୍ବା ଆପ୍

ଜରିଆରେ ବ୍ୟକ୍ତିବିଶେଷଙ୍କୁ ପଞ୍ଜିକୃତ କରିବା ଭଳି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଦେଶରେ ଲୋକସଭା ଏବଂ ବିଧାନସଭା ପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ସମୟରେ ଏଭଳି ପଞ୍ଜୀକରଣ ଜନ ପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଛି ଏବଂ ଏହା ଦୁର୍ନୀତି ଆଚରଣ ବୋଲି ଆୟୋଗ କହିଛନ୍ତି । ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଆୟୋଗ ସମସ୍ତ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ଏଭଳି କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗଙ୍କ ପକ୍ଷରୁ ଖବରକାଗଜ ବିଜ୍ଞାପନ, ମୋବାଇଲ୍‌ରେ ମିସ୍‌ଡ କଲ୍, ପ୍ରଚାରପତ୍ର ଆକାରରେ ଗ୍ୟାରେଣ୍ଟି କାର୍ଡ଼ ବଣ୍ଟନ, ସାମାଜିକ ଅର୍ଥନୈତିକ ସର୍ଭେ ଓ ମୋବାଇଲ୍ ଆପ୍ ସର୍ଭେ ଭଳି ଯେକୌଣସି ମାଧ୍ୟମରେ ଭୋଟରଙ୍କ ତଥ୍ୟ ସଂଗ୍ରହ ବାରଣ କରାଯାଇଛି । ଏଭଳି କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ସ୍ୱତନ୍ତ୍ର ପଦକ୍ଷେପ

ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ରାଜ୍ୟରେ ଲୋକସଭା ଓ ବିଧାନସଭା ପାଇଁ ମତଦାନ ସମୟରେ ପ୍ରତ୍ୟେକ ସେକ୍ଟର ଅଫିସରଙ୍କ ସହିତ ଜଣେ ପାରାମେଡିକାଲ ଷ୍ଟାଫ୍ ଆବଶ୍ୟକୀୟ ଔଷଧପତ୍ର ସହ ରହିବେ। ପ୍ରତ୍ୟେକ ବ୍ଲକ୍ କିମ୍ବା ଗ୍ରାମପଞ୍ଚାୟତ କ୍ଲଷ୍ଟରରେ ଗୋଟିଏ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଓ ଜଣେ

ଲେଖାଏଁ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ କାର୍ଯ୍ୟ କରିବେ। ଆବଶ୍ୟକସ୍ଥଳେ କୌଣସି ଭୋଟର କିମ୍ବା ନିର୍ବାଚନରେ ସମ୍ପୃକ୍ତ କର୍ମଚାରୀ ଅଂଶୁଘାତର ଶିକାର ହେଲେ ତୁରନ୍ତ ସେବା ଯୋଗାଇଦେବେ। ଏ ନେଇ ପ୍ରତ୍ୟେକ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ସୋସିଆଲ୍ ମିଡିଆ - ପୋଷ୍ଟ ଡିଲିଟ୍

ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରଠାରୁ ୨୯୨ଟି ଆପତ୍ତିଜନକ ପୋଷ୍ଟ ହଟାଯାଇଥିବା ଜଣାପଡ଼ିଛି । ରାଜ୍ୟ ପୁଲିସ୍ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଗଠିତ ସୋସିଆଲ୍ ମିଡିଆ ୟୁନିଟ୍ ଏଭଳି ପୋଷ୍ଟଗୁଡ଼ିକ ଉପରେ ନଜର ରଖିଛି । ବିଶେଷକରି ନିର୍ବାଚନ ସମୟରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଟ୍ୱିଟର୍ ଏବଂ ୟୁଟ୍ୟୁବ୍‌ରେ ମିଥ୍ୟା ଓ ଭ୍ରମିତ କଲାଭଳି ପୋଷ୍ଟଗୁଡ଼ିକୁ ଏହି ୟୁନିଟ୍ ଯାଞ୍ଚ୍ କରୁଥିବା ଜଣାପଡ଼ିଛି । ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ଏପର୍ଯ୍ୟନ୍ତ ୪୮୨ଟି ପୋଷ୍ଟ ଉପରେ ଅଭିଯୋଗ ମିଳିବା ପରେ ଫେସ୍‌ବୁକ୍‌ରୁ ୧୮୧ଟି ପୋଷ୍ଟ, ଇନ୍‌ଷ୍ଟାଗ୍ରାମ୍‌ରୁ ୧୧୦ଟି ଏବଂ ୟୁଟ୍ୟୁବ୍‌ରୁ ୩ଟି ଭିଡ଼ିଓ ଡିଲିଟ୍ କରାଯାଇଥିବା ଜଣାପଡ଼ିଛି ।

*Desk*

# ପ୍ରେସ୍ ସ୍ୱାଧୀନତା ଦିବସ

ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି "ଗ୍ରହ ପାଇଁ ପ୍ରେସ୍ - ପରିବେଶ ସଙ୍କଟ ସାମ୍ନାରେ ସାମ୍ବାଦିକତା" । ଜାତିସଂଘ ସାଧାରଣ ପରିଷଦ ୧୯୯୩ ମସିହାରେ ଆଜିର ଦିନକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରିଥିଲା । ଆଜି ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନ କରାଯାଉଛି ।

*Desk*

# ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ଚଳିତ ମାସ ତୃତୀୟ ସପ୍ତାହରେ ପ୍ରକାଶ ପାଇବ । ଗତମାସ ୨୨ ତାରିଖରେ ମୂଲ୍ୟାୟନ ଶେଷ ହୋଇଛି । ଚଳିତ ବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଏହି ପରୀକ୍ଷା ଦେଇଛନ୍ତି । ସୂଚନା ଅନୁଯାୟୀ ଚଳିତ ଥର କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ଏକ ସଙ୍ଗରେ ପ୍ରକାଶ ପାଇବ ।

*Desk*

# ନୀଟ୍ - ୟୁଜି ପରୀକ୍ଷା

ଆସନ୍ତା ରବିବାର ଦିନ ନୀଟ୍ ୟୁ.ଜି. ପରୀକ୍ଷା ହେବ । ଏଥିଲାଗି ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍.ଟି.ଏ. ପକ୍ଷରୁ ଆଡ୍‌ମିଟ୍ କାର୍ଡ଼ ଉପଲବ୍ଧ ହୋଇଛି । ପରୀକ୍ଷାର୍ଥୀମାନେ ନିଜର ଆବେଦନ ସଂଖ୍ୟା ଓ ଜନ୍ମ ତାରିଖ ଦେଇ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ । ୱେବ୍‌ସାଇଟ୍ ହେଉଛି neet.ntaonline.in । ସୂଚନା ଅନୁଯାୟୀ ଆସନ୍ତା ରବିବାର ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ୨୦ ପର୍ଯ୍ୟନ୍ତ ଏହି ପରୀକ୍ଷା ୧୩ଟି ଆଞ୍ଚଳିକ ଭାଷାରେ ହେବ । ଦେଶରେ ପ୍ରାୟ ୨୪ ଲକ୍ଷରୁ ଅଧିକା ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ ।

*Desk*

# ଆର୍.ଟି.ଇ. ନାମଲେଖା

ରାଜ୍ୟର ଘରୋଇ ସ୍କୁଲ୍‌ଗୁଡ଼ିକରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାପାଇଁ ତୃତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଆର୍.ଟି.ଇ. ପାରଦର୍ଶୀ ପୋର୍ଟାଲ୍‌ରେ ପଞ୍ଜୀକରଣ କରାଯାଇପାରିବ । ୧୩ ତାରିଖରେ ଅନ୍‌ଲାଇନ୍‌ରେ ଲଟେରୀ କରାଯିବା ପରେ ସେହିଦିନ ସ୍କୁଲ୍ ଆବଣ୍ଟନ ମଧ୍ୟ କରାଯିବ ।

ଅନ୍ୟପକ୍ଷରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି ।

***Desk***

## ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବା ଫଳରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୬ ତାରିଖରୁ ଦିନ ତାପମାତ୍ରା ହ୍ରାସ ପାଇବା ସହ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ଦକ୍ଷିଣରୁ ଆରବସାଗରୀୟ ପବନ ଓ ପରେ ରାଜ୍ୟକୁ ବଙ୍ଗୋପସାଗରୀୟ ପବନ ବହିବା ଫଳରେ ଗ୍ରୀଷ୍ମପ୍ରବାହ ହ୍ରାସ ପାଇବା ସହ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ।

ଗତକାଲି ରାଜ୍ୟର ୨୯ଟି ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ଼ କରାଯାଇଥିବାବେଳେ ବଲାଙ୍ଗିରରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ।

*****